ଶାସନ ମୁଖ୍ୟ ଭାବେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ପକ୍ଷରୁ ଏକ ସଂକଳ୍ପ ପାରିତ କରାଯାଇଛି ।

ଏ ସମ୍ପର୍କରେ ଗଣମାଧ୍ୟମକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସୂଚନା

୧୩ ଅକ୍ଟୋବର ୨୦୨୬

ଆପଣମାନେ ଜାଣିଛନ୍ତି, ୨୦୨୬ ଅକ୍ଟୋବର ୭ ତାରିଖ ଦିନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀଜୀ ଜଣେ ଶାସନ ମୁଖ୍ୟ ଭାବେ ଦେଶର ଜନସାଧାରଣଙ୍କ ସେବାରେ ଦୀର୍ଘ ୨୫ ବର୍ଷ ସମ୍ପୂର୍ଣ୍ଣ କରିଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀଜୀଙ୍କ ଏହି ୨୫ ବର୍ଷର ନିରବଚ୍ଛିନ୍ନ ସେବା ଓ ସଂକଳ୍ପ ପାଇଁ ମୁଁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ଆଜି ଓଡ଼ିଶା ରାଜ୍ୟ କ୍ୟାବିନେଟ ପକ୍ଷରୁ ଏକ ସଂକଳ୍ପ ମଧ୍ୟ ପାରିତ କରାଯାଇଛି ।

ବନ୍ଧୁଗଣ,

ଆପଣମାନେ ଜାଣିଛନ୍ତି, ଦେଶର ଗଣତାନ୍ତ୍ରିକ ଓ ପ୍ରଶାସନିକ ଇତିହାସରେ ମୋଦୀଜୀଙ୍କ ଭଳି ନିରନ୍ତର ସେବା, ସମର୍ପଣ ଓ ସଂକଳ୍ପର ଉଦାହରଣ ବିରଳ ଓ ଅନନ୍ୟ। ତାଙ୍କର ଅସାମାନ୍ୟ ନେତୃତ୍ୱ ଓ ସେବା ମନୋଭାବ ପ୍ରତି ଦେଶର ଜନସାଧାରଣଙ୍କ ଅତୁଟ ସମର୍ଥନ ରହିଛି ।

ଭାରତର ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ୧୨ ବର୍ଷର ସମୟ ହେଉଛି ଦେଶର କାୟାକଳ୍ପର ସମୟ । ୨୦୧୪ ମସିହା ମେ ୨୬ ତାରିଖ ଦିନ ସେ ଦାୟିତ୍ୱ ନେବା ଦିନ ଠାରୁ ଆମ ଦେଶ ଦ୍ରୁତ ଗତିରେ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରଗତି କରିଚାଲିଛି ।

ଦେଶର ଭିତ୍ତିଭୂମିର ବିକାଶ, ଶିଳ୍ପାୟନ, ଆତ୍ମନିର୍ଭରତାର ମନ୍ତ୍ର, ଯୁବଶକ୍ତିର ପ୍ରତିଭାର ଉପଯୋଗ, ଗରିବ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଦି ଅନେକ ପଦକ୍ଷେପ ଦ୍ୱାରା ଦେଶର ସବୁ କ୍ଷେତ୍ରରେ ପରିବର୍ତ୍ତନର ସ୍ପଷ୍ଟ ଝଲକ ପରିଲକ୍ଷିତ ହେଉଛି । ଦେଶର ପ୍ରତ୍ୟେକ ପରିବର୍ତ୍ତନରେ ବିଶ୍ୱସ୍ତରୀୟ ମାନଦଣ୍ଡ ଦୃଶ୍ୟମାନ ହେଉଛି ।

ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ କରିବା ପାଇଁ ମୋଦୀ ଜୀ, ଚାରୋଟି ପ୍ରମୁଖ ବର୍ଗକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଚାରୋଟି ବର୍ଗ ହେଉଛି- ମହିଳା, କୃଷକ, ଗରିବ ଓ ଯୁବବର୍ଗ । ଏହି ଚାରି ବର୍ଗର ସଶକ୍ତିକରଣ ଦ୍ୱାରା ସମଗ୍ର ଦେଶ ସଶକ୍ତ ହେଉଛି। ଗ୍ରାମାଞ୍ଚଳର ଲୋକଙ୍କୁ ସମସ୍ତ ମୌଳିକ ଭିତ୍ତିଭୂମି ଓ ସରକାରୀ ସହାୟତା ଉପଲବ୍ଧ ହେଉଛି ।

ମୋଦୀଜୀଙ୍କ ନେତୃତ୍ୱରେ ଆଜିର ଭାରତ ୨୦୧୪ ପୂର୍ବର ଭାରତ ଠାରୁ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତିତ ନୂଆ ଭାରତରେ ପରିଣତ ହୋଇଛି । ମୋଦୀଜୀ, ତାଙ୍କର ପ୍ରତ୍ୟେକ ପଦକ୍ଷେପରେ ଇଣ୍ଡିଆ ଫାଷ୍ଟ (India First) ନୀତି ଅବଲମ୍ବନ କରିଆସୁଛନ୍ତି ।

ଏକ ଗରିବ ପରିବାରରୁ ଆସିଥିବାରୁ ସେ ଗରିବର ଦୁଃଖ ବୁଝିଛନ୍ତି । ତେଣୁ, ତାଙ୍କ ନେତୃତ୍ୱରେ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଗରିବ ପରିବାରର ଉତ୍‌ଥାନ ଉପରେ ଗୁରୁତ୍ୱ ଦିଆଯାଉଛି । ଅନ୍ତ୍ୟୋଦୟ ବା ସମାଜର ଶେଷ ଧାଡ଼ିର ଲୋକଙ୍କ ନିକଟରେ ଆଜି ବିକାଶ ଓ ସେବା ପହଞ୍ଚି ପାରୁଛି । ତାଙ୍କର ୧୨ ବର୍ଷର ସମୟରେ ୨୫ କୋଟିରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟର ଉପରକୁ ଉଠି ପାରିଛନ୍ତି ।

ଅସାଧାରଣ ଚ୍ୟାଲେଞ୍ଜକୁ ସିଧାସଳଖ ଭାବେ ଗ୍ରହଣ କରିବାର ସାହସ ମୋଦୀଜୀଙ୍କ ନେତୃତ୍ୱରେ ପରିଲକ୍ଷିତ ହୁଏ । କୋଭିଡ ମହାମାରୀ ହେଉ ବା ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ଯୁଦ୍ଧ ଯୋଗୁ ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା- ପ୍ରତ୍ୟେକ କ୍ଷେତ୍ରରେ ଦୃଢ ରାଜନୈତିକ ଓ ପ୍ରଶାସନିକ ନେତୃତ୍ୱ ପ୍ରଦର୍ଶନ କରି ଦେଶକୁ ସୁରକ୍ଷିତ ରଖିଛନ୍ତି  ସମଗ୍ର ବିଶ୍ୱରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ ସେ ଭାରତର ଅର୍ଥନୀତିକୁ ସୁରକ୍ଷିତ ଓ ସୁଦୃଢ଼ ରଖିପାରିଛନ୍ତି ।

ଆଜିର ଭାରତ ବିଶ୍ୱର ସମସ୍ତ ବିକଶିତ ଓ କ୍ଷମତାଶାଳୀ ରାଷ୍ଟ୍ରମାନଙ୍କ ସହିତ ଆଖିରେ ଆଖି ମିଶେଇ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଲଢୁଛି ।

ଆଜିର ଭାରତ ନିଜର ଐତିହ୍ୟକୁ ନେଇ ଗର୍ବ ଓ ଗୌରବ ଅନୁଭବ କରୁଛି । This India is not a white man’s burden. ଆମେ ଆମର ସାମର୍ଥ୍ୟକୁ ନେଇ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଅଗ୍ରଗତି କରୁଛୁ ।

ପ୍ରଧାନମନ୍ତ୍ରୀ ଭାବେ ମୋଦୀଜୀ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ଓଡିଶାର ବିକାଶମୂଳକ ପଦକ୍ଷେପ ଗୁଡିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି ।

ଓଡିଶାରେ ଆମ ସରକାର ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ୮ ଥର ଓଡିଶା ଆସି ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ଓ ପରାମର୍ଶ ମଧ୍ୟ ଦେଇଛନ୍ତି ।

ଓଡିଶାର ଭିତ୍ତିଭୂମି ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଟେକ୍ନୋଲୋଜି ଓ ଗରିବ କଲ୍ୟାଣ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳୁଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାର କେନ୍ଦ୍ରରେ ଓଡିଶା ହିଁ ରହିଛି ।

ଗତ ୧୨ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇ ଯେଉଁ ପଦକ୍ଷେପ ସବୁ ନିଆଯାଇଛି, ସେ ବିଷୟରେ ମୁଁ ସଂକ୍ଷେପରେ ବର୍ଣ୍ଣନା କରିବାକୁ ଚାହୁଁଛି ।

୨୦୧୪ ମସିହାଠାରୁ ଓଡ଼ିଶାରେ ୨,୨୩୬ କିଲୋମିଟର ନୂତନ ରେଳପଥ ନିର୍ମାଣ କରାଯାଇଛି ଏବଂ ରାଜ୍ୟରେ ଶତ ପ୍ରତିଶତ ରେଳ ବିଦ୍ୟୁତକରଣ ହାସଲ ହୋଇଛି ।

୩୦ ବର୍ଷରୁ ଅଧିକ ସମୟ ଧରି ଅପେକ୍ଷା କରିଥିବା ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ଏବେ ପ୍ରାୟତଃ ସମ୍ପୂର୍ଣ୍ଣ ହେବା ଉପରେ  ।

୬ଟି ବନ୍ଦେ ଭାରତ ଟ୍ରେନ୍ ଓଡ଼ିଶାର ୨୫ଟି ଷ୍ଟପେଜ୍ ଦେଇ ୧୭ଟି ଜିଲ୍ଲାକୁ ସଂଯୋଗ କରୁଛି । ଏହାବ୍ୟତୀତ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୫୯ଟି ଷ୍ଟେସନର ପୁନର୍ବିକାଶ କରାଯାଉଛି ।

ରାଜ୍ୟର ସଡକ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇ ୧୧୧ କିଲୋମିଟର ଦୀର୍ଘ ୬-ଲେନ୍ ବିଶିଷ୍ଟ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ଼ ପାଇଁ ୮ ହଜାର ୩୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ପ୍ରାୟ ୮ ହଜାର ୩୦୦ କୋଟି ଟଙ୍କା ବିନିଯୋଗରେ ୧୬୦ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଓଡ଼ିଶା ଉପକୂଳ ରାଜପଥକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି । ଏହାଦ୍ୱାରା ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଦେଇ ପଶ୍ଚିମବଙ୍ଗ ସୀମା ନିକଟସ୍ଥ ଦୀଘା ସହିତ ଗୋପାଳପୁର ସଂଯୋଗ ହୋଇପାରିବ ।

ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ଉଡାନ୍ (UDAN) ଯୋଜନା ଅଧୀନରେ ବାଣିଜ୍ୟିକ କାର୍ଯ୍ୟ ପାଇଁ ଝାରସୁଗୁଡ଼ାର ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ପୂର୍ବତନ ବିମାନଘାଟିକୁ ବିକଶିତ କରିଥିଲେ ଏବଂ ପୁନର୍ବାର ଖୋଲିଥିଲେ ।

୨୦୧୮ ସେପ୍ଟେମ୍ବର ୨୨ ତାରିଖରୁ ଏଠାରୁ ବିମାନସେବା ଆରମ୍ଭ ହୋଇଥିଲା । ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ସହିତ ପ୍ରତ୍ୟକ୍ଷ ବିମାନ ସଂଯୋଗ ଯୋଗୁ ପଶ୍ଚିମ ଓଡ଼ିଶା ସହିତ ବିମାନ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହୋଇପାରିଛି ।

ଏହା ସହିତ ଗଞ୍ଜାମର ବାହୁଦା ମୁହାଣ ଠାରେ ୨୧ ହଜାର ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ଗଭୀର ସମୁଦ୍ର ବନ୍ଦର ଏବଂ କେନ୍ଦ୍ରାପଡା ଜିଲ୍ଲାରେ ୨୪ ହଜାର ୭୦୦ କୋଟି ଟଙ୍କା ବିନିଯୋଗରେ ଏକ ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ନିର୍ମାଣକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି ।

ଓଡିଶାର ସଡକ ପଥ, ରେଳପଥ, ଆକାଶପଥ ଓ ଜଳପଥ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ମୋଦୀ ସରକାରଙ୍କ ସମୟରେ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ସ୍ୱାଧୀନ ଭାରତ ଇତିହାସରେ କେବେ ବି ଦେଖିବାକୁ ମିଳି ନଥିଲା ।

ଏହାସହିତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ବା BKPPERର ବିକାଶ ପରିକଳ୍ପନା ଏବଂ ପାରାଦୀପ ତୈଳ ବିଶୋଧନାଗାର ସଂପ୍ରସାରଣ ଏବଂ ପିସିପିଆଇଆର୍ (PCPIR) ଅଞ୍ଚଳର ବିକାଶ ଯୋଗୁ ସମଗ୍ର ଉପକୂଳ ଓଡିଶା ଦେଶର ଏକ ବୃହତ ଅର୍ଥନୈତିକ ହବ୍ ହେବାକୁ ଯାଉଛି । ଚଣ୍ଡିଖୋଲ ଠାରେ ଏକ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ମଧ୍ୟ ସ୍ଥାପନ କରାଯାଉଛି ।

ବ୍ରହ୍ମପୁରରେ  ଆଇଜର (IISER) ଏବଂ ସମ୍ବଲପୁର ରେ ଆଇଆଇଏମ୍ (IIM) ପ୍ରତିଷ୍ଠା ଯୋଗୁ  ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡିଶାର ଗୁରୁତ୍ୱ ବୃଦ୍ଧି ପାଇଛି ।

ଏହା ସହିତ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଏବଂ ସଂପ୍ରସାରଣ କରାଯାଇଛି । ରାଉରକେଲା ବିମାନବନ୍ଦର'ର ମଧ୍ୟ ସମ୍ପ୍ରସାରଣ କରାଯାଉଛି । ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଗ୍ରୀନ୍ ଡାଟା ସେଣ୍ଟର ପ୍ରତିଷ୍ଠା ସହିତ ସାଇବର ସୁରକ୍ଷା ସୁବିଧା ମଧ୍ୟ ପ୍ରଦାନ କରାଯାଉଛି । ଇନଫୋଭ୍ୟାଲିରେ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକ୍ଚରିଂ କ୍ଲଷ୍ଟର ପ୍ରତିଷ୍ଠା ଦ୍ୱାରା ରାଜ୍ୟକୁ ଇଲୋକ୍ଟ୍ରୋନିକ୍ସ କ୍ଷେତ୍ରରେ ବିପୁଳ ନିବେଶ ଆସୁଛି ଏବଂ ସେମିକଣ୍ଡକ୍ଟର ନିର୍ମାଣରେ ମଧ୍ୟ ଓଡିଶା ଏକ ଆଗୁଆ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରିପାରୁଛି ।

ତାଳଚେର ଠାରେ ପ୍ରଥମ ଥର ପାଇଁ କୋଇଲା ଗ୍ୟାସିଫିକେସନ ଜରିଆରେ ସାର ଉତ୍ପାଦନ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ଗୁରୁତ୍ୱ ଯୋଗୁ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରୁଛି । ଏଥିପାଇଁ ଓଡିଶାବାସୀ ଖୁବ ଆନନ୍ଦିତ ।

ଓଡିଶାକୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସମର୍ଥନ ମିଳିଛି। ଏଥିପାଇଁ ଆମେ ସମସ୍ତେ ଆନନ୍ଦିତ ଓ କୃତଜ୍ଞ ।

ବିଶେଷକରି, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଭିଜନ ରହିଛି । ଯେହେତୁ, ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରୁଛି, ତେଣୁ ଓଡ଼ିଶା ଭିଜନ ପ୍ରସ୍ତୁତି ସମୟରେ ନୀତିଆୟୋଗକୁ ମୁଁ, ବିକଶିତ ଭାରତର ଲକ୍ଷ୍ୟ ସହିତ ତାଳ ଦେଇ ଓଡ଼ିଶା ପାଇଁ ଦୁଇଟି ଭିଜନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲି । ନୀତିଆୟୋଗ ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ  ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ତେଣୁ ଓଡ଼ିଶା ପାଇଁ ପ୍ରସ୍ତୁତ ହେଲା ଭିଜନ ୨୦୩୬ ଓ ୨୦୪୭ । ଓଡ଼ିଶାର ଏହି ଭିଜନକୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି ।

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱ ଏବଂ ଓଡିଶା ପ୍ରତି ତାଙ୍କର ସ୍ୱତନ୍ତ୍ର ଶ୍ରଦ୍ଧା ଯୋଗୁ ଆମର ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ଶୀଘ୍ର ସାକାର ହେବାର ବିଶ୍ୱାସ ବୃଦ୍ଧି ପାଇଛି । ରାଜ୍ୟ କ୍ୟାବିନେଟ ମୋଦୀଜୀଙ୍କୁ ଏହି ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସଂକଳ୍ପ ପାରିତ କରିଥିବାରୁ ମୁଁ ରାଜ୍ୟ କ୍ୟାବିନେଟର ସମସ୍ତ ମନ୍ତ୍ରୀଗଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।